# NATIONAL NEWS BULLETIN (ODIA)

**9 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୬ର ଦ୍ୱିତୀୟ ସଂସ୍କରଣ ।

- ଦେଶର ସୁରକ୍ଷା ସଂସ୍ଥାଗୁଡ଼ିକୁ ଆଇ.ଇ.ଡି ସମ୍ପର୍କିତ ତଥ୍ୟ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଶୁଭାରମ୍ଭ ହେଲା ରାଷ୍ଟ୍ରୀୟ ଆଇ.ଇ.ଡି ତଥ୍ୟ ପରିଚାଳନା ବ୍ୟବସ୍ଥା - NIDMS

- ଉଲ୍ଲେଖନୀୟ ସେବା ଓ ଅବଦାନ ପାଇଁ ଆଜି ନୂଆଦିଲ୍ଲୀରେ ୧୦୦ ଜଣ ଅଧିକାରୀଙ୍କୁ ରେଳ ସେବା ପୁରସ୍କାର ପ୍ରଦାନ କରିବେ ରେଳମନ୍ତ୍ରୀ ।

- କୃତ୍ରିମ ବୁଦ୍ଧିମତା ସମ୍ମିଳନୀରେ ଯୋଗଦେବା ଲାଗି ଆସନ୍ତା ମାସରେ ଭାରତ ଗସ୍ତରେ ଆସିବେ ଫ୍ରାନ୍ସ ରାଷ୍ଟ୍ରପତି ।

ଏବଂ

- ମହିଳା ପ୍ରିମିୟର ଲିଗ୍-୨୦୨୬ ଡବ୍ଲ୍ୟୁପିଏଲ୍‌ର ଆଜି ଆରମ୍ଭ ହେବ ଚତୁର୍ଥ ସଂସ୍କାରଣ ।

## ୟଙ୍ଗ୍ ଲିଡର୍ସ୍ ଡାଇଲଗ୍

ବିକଶିତ ଭାରତ ଯୁବ ନେତା ସଂଳାପ ୨୦୨୬ ର ଦ୍ୱିତୀୟ ସଂସ୍କରଣ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ। ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପସ୍ଥିତିରେ ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଏହାର ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୨ ତାରିଖରେ ଉଦ୍‌ଯାପନୀ ସମାରୋହରେ ଯୋଗଦେବେ।

ଶ୍ରୀ ମାଣ୍ଡବ୍ୟ କହିଛନ୍ତି ଯେ ଏହି ୪ ଦିନିଆ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରୁ ୨ ହଜାର ୫୦୦ ରୁ ଅଧିକ ଯୁବକ ଅଂଶଗ୍ରହଣ କରିବେ। ଏଥିରେ ଇସ୍ରୋ ମହାକାଶଚାରୀ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା, ଗ୍ରୁପ୍ କ୍ୟାପ୍ଟେନ୍ ପ୍ରସାନ୍ତ ନାୟାର, ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହରମନପ୍ରୀତ କୌର ଓ ପଦ୍ମ ପୁରସ୍କାର ବିଜେତା, ଯୁବ ସାଂସଦ ଏବଂ ବିଧାୟକମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଭାବ ବିନିମୟ କରିବେ।

## ପିଏମ୍-ପ୍ରବାସୀ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବାସୀ ଭାରତୀୟ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ପ୍ରବାସୀ ଭାରତୀୟ ହେଉଛନ୍ତି ଭାରତ ଏବଂ ବିଶ୍ୱ ମଧ୍ୟରେ ଦୃଢ଼

ସମ୍ପର୍କର ସେତୁ । ସେ କହିଛନ୍ତି ବିଦେଶରେ ବାସ କରୁଥିବା ଭାରତୀୟମାନେ ଭାରତୀୟ ସଂସ୍କୃତିକୁ ସେଠାରେ ଦୃଢ଼ଭାବେ ସ୍ଥାନିତ କରିବା ସହ ସେମାନଙ୍କ ଜନ୍ମମାଟି ସହ ଜଡିତ ଅଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱରେ ଭାରତୀୟ ସଂସ୍କୃତିକୁ ଲୋକପ୍ରିୟ କରାଇବା କ୍ଷେତ୍ରରେ ପ୍ରବାସୀ ଭାରତୀୟମାନେ ରାଷ୍ଟ୍ରଦୂତ ଭଳି କାର୍ଯ୍ୟ କରୁଛନ୍ତି । ସରକାର ଦେଶର ପ୍ରବାସୀଙ୍କୁ ଭାରତର ନିକଟତର କରିବା ପାଇଁ ଅନେକ ପଦକ୍ଷେପ ନେଇଥିବା ଶ୍ରୀ ମୋଦୀ କହିଛନ୍ତି ।

## ପିଏମ୍-ଜର୍ମାନ୍ ଚାନ୍ସଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୧୨ ତାରିଖରେ ଅହମ୍ମଦାବାଦରେ ଜର୍ମାନ ଚାନ୍ସଲର ଫ୍ରେଡରିକ୍ ମର୍ଜଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଜର୍ମାନ ଚାନ୍ସଲର ଜାନୁଆରୀ ୧୨ ଓ ୧୩ ଦୁଇଦିନ ଭାରତ ଗସ୍ତରେ ଆସିବେ । ଏହା ତାଙ୍କର ଭାରତକୁ ପ୍ରଥମ ସରକାରୀ ଗସ୍ତ ହେବ । ଉଭୟ ନେତା ସାବରମତୀ ଆଶ୍ରମ ପରିଦର୍ଶନ କରିବା ସହ ସାବରମତୀ ନଦୀ ପଠାରେ ଆନ୍ତର୍ଜାତିକ ଗୁଡ଼ି ପର୍ବରେ ଭାଗନେବେ । ପରେ ଗାନ୍ଧିନଗର ମହାତ୍ମା ମନ୍ଦିରରେ ଦୁଇପାକ୍ଷିକ ଆଲୋଚନା ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ

ନିକଟରେ ଉଭୟ ଦେଶ ସେମାନଙ୍କ ରଣନୈତିକ ଭାଗିଦାରିତାର ୨୫ବର୍ଷ ପୂର୍ଣ୍ଣ କରିଛନ୍ତି ।

## ଶାହା-ଏନ୍‌ଆଇଡିଏମ୍‌ଏସ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆଭାସୀ ଜରିଆରେ ରାଷ୍ଟ୍ରୀୟ ଆଇ.ଇ.ଡି ତଥ୍ୟ ପରିଚାଳନା ବ୍ୟବସ୍ଥା-NIDMSର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା କହିଛନ୍ତି ଏହି ବ୍ୟବସ୍ଥାରେ ଦେଶବ୍ୟାପୀ ଏଟିଏସ୍ ୟୁନିଟ୍, ପୁଲିସ ଏବଂ ସି.ଏ.ପି.ଏଫ୍‌କୁ ଅନ୍‌ଲାଇନ୍ ଜରିଆରେ ସମସ୍ତ ତଥ୍ୟ ଆକଳନ ପାଇଁ ଉପଲବ୍ଧ କରାଯାଇପାରିବ । ଦୁଇପକ୍ଷ ବ୍ୟବସ୍ଥାରେ ଏହା କାର୍ଯ୍ୟ କରିବ । ଆଗାମୀ ଦିନରେ ଦେଶ ମଧ୍ୟରେ ଆତଙ୍କବାଦୀ କାର୍ଯ୍ୟକଳାପର ତଦନ୍ତ ନିମନ୍ତେ NIDMS ସମ୍ପୂର୍ଣ୍ଣ ତଥ୍ୟ ଯୋଗାଇଦେବ । ଏଥିରେ କେଉଁଠାରେ ଆଇ.ଇ.ଡି ବିସ୍ଫୋରଣ କରାଯାଇଥିଲା ବା ବ୍ୟବହାର ହୋଇଥିଲା ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ ।

ଶ୍ରୀ ଶାହା କହିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗତ କିଛିବର୍ଷ ମଧ୍ୟରେ ଅନେକଗୁଡ଼ିଏ ତଥ୍ୟ ସଂଗ୍ରହ କରିଛନ୍ତି । ସେହିସବୁ ତଥ୍ୟଗୁଡ଼ିକୁ କୃତ୍ରିମ ବୁଦ୍ଧିମତା ଆଧାରିତ ସଫ୍ଟୱେୟାର ଜରିଆରେ ଅତ୍ୟାଧୁନିକ ଉପାୟରେ ବିଶ୍ଳେଷଣ କରାଯାଇପାରିବ । ଆଗାମୀ ଦିନରେ NIDMS ଦେଶକୁ ଆତଙ୍କବାଦରୁ ମୁକ୍ତି ଦେବା କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

## ପିଏମ୍-ସୋମନାଥ ଧାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ସୋମନାଥ ଧାମ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଦେଶର ସାମୁହିକ ଚେତନା ଜାଗ୍ରତ କରିବା କ୍ଷେତ୍ରରେ ଏହାର କାଳଜୟୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ସୋମନାଥ ଧାମ ଶତାବ୍ଦୀ ଶତାବ୍ଦୀ ଧରି ଏହାର ଦିବ୍ୟଶକ୍ତି ସହିତ ପ୍ରତ୍ୟେକ ପୀଢ଼ିକୁ ଅନୁପ୍ରାଣିତ କରିଛି ବୋଲି କହିଛନ୍ତି । ସେ କହିଛନ୍ତି ସୋମନାଥରୁ ଯେଉଁ ଶକ୍ତି, ବିଶ୍ୱାସ, ସାହସ ଓ ସ୍ୱାଭିମାନ ସୃଷ୍ଟି ହୋଇଛି ତାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଦିଗ୍‌ଦର୍ଶକ ସାଜିଛି ।

## ରେଲୱେ ଆୱାର୍ଡ଼ସ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ୧୦୦ ଜଣ ରେଳ ଅଧିକାରୀଙ୍କୁ ୭୦ତମ ଅତି ବିଶେଷ ରେଳ ସେବା ପୁରସ୍କାର ୨୦୨୫ ପ୍ରଦାନ କରିବେ । ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରେଳ ଜୋନଗୁଡ଼ିକୁ ୨୬ଟି ସିଲ୍ ପ୍ରଦାନ କରାଯିବ। ଭାରତୀୟ ରେଳବାଇରେ ଉଲ୍ଲେଖନୀୟ ସେବା ଓ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ ।

ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଏବଂ ରଭନୀତ ସିଂହ, ରେଳ ବୋର୍ଡର ଅଧ୍ୟକ୍ଷ ଏବଂ ସିଇଓ

ସତୀଶ କୁମାର, ରେଳ ବୋର୍ଡର ସଦସ୍ୟ ଏବଂ ବିଭିନ୍ନ ରେଳ ଜୋନ ଏବଂ ଉତ୍ପାଦନ ୟୁନିଟର ମହାପ୍ରବନ୍ଧକମାନେ ଯୋଗଦେବେ। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,  ମହାକୁମ୍ଭ ଭଳି ବୃହତ କାର୍ଯ୍ୟକ୍ରମ ସମୟରେ ସୁରକ୍ଷିତ ଏବଂ ସୁଗମ ରେଳ ପରିଚାଳନା ସୁନିଶ୍ଚିତ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ୨୬ଟି ସିଲ୍ ପ୍ରଦାନ କରାଯିବ।

ଅନ୍ୟ ପକ୍ଷରେ ଅପରେସନ ସିନ୍ଦୂର ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ପାଇଁ କେତେ ଜଣ ଅଧିକାରୀଙ୍କୁ ସମ୍ମାନିତ କରାଯିବ ।

# ଫ୍ରେଞ୍ଚ ପ୍ରେସିଡେଣ୍ଟ ଇଣ୍ଡିଆ ଭିଜିଟ୍

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି ସେ ଆସନ୍ତା ମାସରେ ନୂଆଦିଲ୍ଲୀ ଗସ୍ତରେ ଆସିବେ । ଶ୍ରୀ ମାକ୍ରନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଯୋଗଦେବେ । ଗତକାଲି ୨୦୨୫ରେ ଫ୍ରାନ୍ସର କୂଟନୈତିକ ସଫଳତା ସମ୍ପର୍କରେ ଉଦ୍‌ବୋଧନ ଦେବା ସମୟରେ ସେ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଏଆଇ ସମ୍ମିଳନୀରେ ଭାରତ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ ସମ୍ପର୍କରେ ଘୋଷଣା କରିଥିଲେ । ସେହି ଘୋଷଣା ଅନୁଯାୟୀ ନୂଆଦିଲ୍ଲୀରେ ଆସନ୍ତା ମାସ ୧୯ ଓ ୨୦ ତାରିଖରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କ ଫ୍ରାନ୍ସ ପ୍ରତିପକ୍ଷଙ୍କ ସହ ଏକ ବୈଠକରେ ଏହି ବିଷୟ ଘୋଷଣା କରି କହିଥିଲେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ସମ୍ମିଳନୀରେ ରାଷ୍ଟ୍ରପତି ମାକ୍ରନ ଯୋଗଦେବା ନେଇ ଆଶା କରାଯାଉଛି । ଉଭୟ ଭାରତ ଏବଂ ଫ୍ରାନ୍ସ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି କରିଥିବାବେଳେ ବିଶ୍ୱ ରାଜନୈତିକ ଦୃଶ୍ୟପଟରେ ସ୍ଥିରତା ଅବଲମ୍ବନ କରିଛନ୍ତି ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ସକ୍ରିୟ ରହିଛନ୍ତି ।

## ପ୍ରଗତି–ସ୍ପେଶାଲ ଷ୍ଟୋରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ପ୍ରଗତି ମଞ୍ଚରେ ଶକ୍ତି କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ସମସ୍ୟା କିଭଳି ସମାଧାନ ହୋଇଥିଲା ।

ଶକ୍ତି କ୍ଷେତ୍ରରେ ସାଧାରଣତଃ ପ୍ରଶାସନିକ, ବୈଷୟିକ, ନିୟାମକ ଏବଂ ପ୍ରାକୃତିକ କାରଣ ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଞ୍ଚରେ ୧୦ ଦଶମିକ୍ ୫୩ ଲକ୍ଷ କୋଟି ଟଙ୍କା ସମ୍ବଳିତ ୨୩୭ଟି ବିଦ୍ୟୁତ ପ୍ରକଳ୍ପର ସମୀକ୍ଷା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ସ୍ତରରେ ୪ ଦଶମିକ୍ ୧/୨ ଲକ୍ଷ କୋଟି ଟଙ୍କାର ମୋଟ ୫୩ଟି ବିଦ୍ୟୁତ ପ୍ରକଳ୍ପ ସମୀକ୍ଷା କରାଯାଇଥିବା ବେଳେ ଏଥିରେ ପରିବହନ ସମ୍ପର୍କିତ ୨୭ଟି, ୧୪ଟି ଥର୍ମାଲ, ୯ଟି ଜଳବିଦ୍ୟୁତ ଏବଂ ତିନୋଟି କୋଇଲା ଖଣି ପ୍ରକଳ୍ପ ରହିଛି । ଏଥିରୁ ୩ ଲକ୍ଷ କୋଟି ଟଙ୍କାର ୪୩ଟି ବିଳମ୍ବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି ଏବଂ ଅବଶିଷ୍ଟ ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏଡି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ଗଦରୱାରା  ସୁପର ଥର୍ମାଲ୍ ବିଦ୍ୟୁତ ପ୍ରକଳ୍ପ ଏବଂ କ୍ଷେତ୍ରୀ-ନରେଲା ପରିବହନ ପ୍ରକଳ୍ପ ରହିଛି । ପ୍ରଗତି ମଞ୍ଚର ହସ୍ତକ୍ଷେପ ପରେ ଅନେକ ବିଦ୍ୟୁତ୍ ଉତ୍ପାଦନ ଏବଂ ପରିବହନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଦ୍ୟୁତ୍ ଉପଲବ୍ଧତା ବୃଦ୍ଧି ପାଇଛି ।

## ଇଡି-ଆଇପାକ୍ ୱେଷ୍ଟବେଙ୍ଗଲ

ପଶ୍ଚିମବଙ୍ଗ ସରକାର ଏବଂ ଆଇପାକ୍ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡିର ଚଢ଼ଉ ନେଇ ସୃଷ୍ଟି ହେଉଥିବା ବିବାଦରେ ଇଡି ଆଜି ପୁଣିଥରେ କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆଇପାକ୍

କାର୍ଯ୍ୟାଳୟରେ ଇଡି ଚଢ଼ଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତିବନ୍ଧକ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି । ଇଡି ପକ୍ଷରୁ ମାମଲା ରୁଜୁ ପାଇଁ ଅନୁମତି ଲୋଡାଯାଇଥିବାବେଳେ ବିଚାରପତି ଜଷ୍ଟିସ ଶୁଭ୍ରା ଘୋଷ ପିଟିସନ ଦାଖଲ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଆଜି ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ମାମଲାର ଶୁଣାଣି କରାଯିବାକୁ ସମୟଧାର୍ଯ୍ୟ କରାଯାଇଛି । ମାମଲା ଅନୁଯାୟୀ ସମସ୍ତ ପକ୍ଷଙ୍କୁ ନୋଟିସ୍ ଦେବାଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପକ୍ଷରେ ଆଜି ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବାସଭବନ ବାହାରେ ତୃଣମୂଳ କଂଗ୍ରେସ ପକ୍ଷରୁ ଧାରଣା ପ୍ରଦର୍ଶନ କରାଯାଇଛି । ତୃଣମୂଳ କଂଗ୍ରେସର ରାଜନୈତିକ ବ୍ୟାପାର ବିଷୟ ବୁଝାସୁଝା କରୁଥିବା ଆଇପାକ୍ ଉପରେ ଗତକାଲି ଇଡିର ଚଢ଼ଉକୁ ବିରୋଧ କରି ଏହି ବିରୋଧ ପ୍ରଦର୍ଶନ କରାଯାଇଛି ।

## ଶାହା-ଏନ୍‌କର୍ଡ

ଦେଶରେ ନିଶା ସମସ୍ୟାର ମୁକାବିଲା ପାଇଁ ସାମୁହିକ ରାଷ୍ଟ୍ରୀୟ ପ୍ରୟାସ ସମସ୍ୟା ଏବଂ ମୂଲ୍ୟାଙ୍କନ ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସଂଧ୍ୟାରେ ନବମ ଶୀର୍ଷସ୍ତରୀୟ ନାକୋ ସମନ୍ୱୟ କେନ୍ଦ୍ର ବୈଠକରେ ଅଧ୍ୟକ୍ଷତା କରିବେ । ଏଥିରେ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗୀୟ ମୁଖ୍ୟ ଏବଂ ନିଶାଦ୍ରବ୍ୟ ଆଇନ୍ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

ବୈଠକରେ ନିଶାଦ୍ରବ୍ୟ କାରବାର କରୁଥିବା ନେଟୱର୍କ ଏବଂ ଏଥିରେ ସଂଶ୍ଳିଷ୍ଟ ଥିବା ସଂଗଠନ ଗୁଡ଼ିକୁ ଠାବ କରିବା ଏବଂ ତଦନ୍ତ ତ୍ୱରାନ୍ୱିତ କରି ନିଶାଦ୍ରବ୍ୟ ଅପବ୍ୟବହାରକୁ ରୋକିବା ସମ୍ପର୍କରେ ଆଲୋଚନା କରାଯିବ ।

## ବ୍ୟାଡ୍‌ମିଣ୍ଟନ୍ ମାଲେସିଆ ଓପନ୍

ବ୍ୟାଡମିଣ୍ଟନରେ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ଆଜି କ୍ୱାଲାଲମ୍ପୁରରେ ମାଲେସିଆ ଓପନ୍ ସୁପର ୧୦୦୦ କ୍ୱାର୍ଟରଫାଇନାଲ୍‌ରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୧ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଖେଳ ଆରମ୍ଭ ହେବାର ମାତ୍ର ୧୨ ମିନିଟ୍ ପରେ ଜାପାନ ପ୍ରତିପକ୍ଷ ବିଶ୍ରାମ ନେଇଥିଲେ । ପି.ଭି. ସିନ୍ଧୁ ପରବର୍ତ୍ତୀ ପର୍ଯ୍ୟାୟରେ ଇଣ୍ଡୋନେସିଆର ଷଷ୍ଠ ମାନ୍ୟତାପ୍ରାପ୍ତ ପୁତ୍ରୀ କୁସୁମା ଓ୍ୱାରଦାନୀ କିମ୍ବା ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଚୀନ୍‌ର ଖେଳାଳି ଓ୍ୱାଙ୍ଗ୍ ଝି ଓ୍ୱାଇଙ୍କ ସହ ମୁକାବିଲା କରିପାରନ୍ତି । ୨୦୨୧ ଇଣ୍ଡୋନେସିଆ ଓପନ ପରେ ଗତ ୫ ବର୍ଷ ମଧ୍ୟରେ ସିନ୍ଧୁ ପ୍ରଥମଥର ପାଇଁ ସୁପର ୧୦୦୦ ସେମିଫାଇନାଲ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି ।

ପୁରୁଷ ଡବଲ୍ସରେ ଆଜି କ୍ୱାର୍ଟରଫାଇନାଲ୍‌ରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡି ଏବଂ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଇଣ୍ଡୋନେସିଆନ୍‌ର ଏମ୍.ଏସ୍. ଫିକ୍ରି ଏବଂ ଏଫ୍. ଆଲଫିଆନ୍ ଯୋଡ଼ିଙ୍କ ସହ ମୁକାବିଲା କରିବେ। ଭାରତୀୟ ଯୋଡ଼ି ରାଙ୍କିରେଡ୍ଡି ଏବଂ ଶେଟ୍ଟି ପ୍ରାକ୍-କ୍ୱାର୍ଟରଫାଇନାଲ୍‌ରେ ମାଲେସିଆ ଯୋଡ଼ିଙ୍କୁ ୨୧-୧୮, ୨୧-୧୧ରେ ପରାସ୍ତ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ଏବଂ ଆୟୁଷ ଶେଟ୍ଟି ପ୍ରି-କ୍ୱାର୍ଟରଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି ।

## ଡବ୍ଲ୍ୟୁପିଏଲ୍-କ୍ରିକେଟ

ବହୁ ପ୍ରତୀକ୍ଷିତ ମହିଳା ପ୍ରିମିୟର ଲିଗ୍ ୨୦୨୬ର ଚତୁର୍ଥ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଆଜି ନବି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ କ୍ରୀଡ଼ା ଏକାଡେମୀରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ଏହାପୂର୍ବରୁ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହେବ । ଯେଉଁଥିରେ ୟୋ ୟୋ ହନୀ ସିଂହ, ଜାକଲିନ୍ ଫର୍ଣ୍ଣାଡିଜ୍ ଏବଂ ହର୍ଣ୍ଣାଜ୍ ସାନ୍ଧୁ ପ୍ରମୁଖ ଅଂଶଗ୍ରହଣ କରିବେ ।

ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣର ସମସ୍ ମ୍ୟାଚ୍ ନବି ମୁମ୍ବାଇର ଡକ୍ଟର ଡିୱାଇ ପାଟିଲ କ୍ରୀଡ଼ା ଏକାଡେମୀ ଏବଂ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଖେଳାଯିବ ।